**କିପରି କଂଗ୍ରେସ ପାର୍ଟି ଗତ ଦଶନ୍ଧି ଧରି ସି.ବି.ଆଇ କୁ ନିଜ ହାତ ମୁଠାରେ ରଖିଅଛି ।**

**ତା.୯.୦୨.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା ।**

ଗତ କାଲି ସି.ବି.ଆଇ ର ଡ଼ାଇରେକ୍ଟର ଶ୍ରୀ ରଞ୍ଜିତ ସିହ୍ନା ଇକୋନୋମିକ ଟାଇମ୍ସରେ ପ୍ରକାଶ କରିଛନ୍ତି କି, ଯଦି ଅମିତ ସାହାଙ୍କୁ ଇସ୍ରାତ ଜାହାନ କେଶରେ ଦୋଷୀ ସାବ୍ୟସ୍ଥ କରାଯାଇଥାଆନ୍ତା ତେବେ ଉ.ପା ସରକାର ସବୁଠାରୁ ଅଧିକ ଆନନ୍ଦିତ ହୋଇଥାଆନ୍ତା । ହେଲେ ପରଦିନର ପ୍ରକାଶନରେ ସେ ଏଭଳି ଉକ୍ତି ପ୍ରକାଶ କରିଥିବା କଥା ଅସ୍ବୀକାର କରିଥିଲେ । ବାସ୍ତବରେ କହିବାକୁ ଗଲେ ସି.ବି.ଆଇ ଗତ ଦଶନ୍ଧି ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଶାସକ ଦଳର ନିୟନ୍ତ୍ରଣାଧୀନ ହୋଇ ରହିଅଛି ।

ଯେକୌଣସି କେଶର ତଦନ୍ତ ସମୟରେ ପୋଲିସ ତଥା ତଦନ୍ତକାରୀ ସଂସ୍ଥାର ପ୍ରୟୋଗ କରିବା କିଛି ନୂତନ ଘଟଣା ନୁହେଁ । ଏମରଜେନ୍ସି ସମୟରେ ଏପରି ୨ ଲକ୍ଷ ନେତାଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରାଯାଇଥିଲା । ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୃଷ୍ଟିରେ ରଖି ମେଣ୍ଟେନାନ୍ସ ଅଫ ଇଣ୍ଟର୍ଣ୍ଣାଲ ସିକ୍ୟୁରିଟି ଆକ୍ଟ ଦ୍ଵାରା ପରିସ୍ଥିତି ଅନୁଯାୟୀ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା । ସେଥିରୁ ବହୁ ଚାର୍ଜସିଟ ମଧ୍ୟ ସମାନ ଥିଲା କହିଲେ ଚଳେ । ସେସମୟରେ ବିରୋଧୀ ଦଳର ନେତମାନେ ଯଦି ଖୁବ ସକାଳୁ କୌଣସି ଦୁଗ୍ଧ ବିକ୍ରୟ କେନ୍ଦ୍ର ବା ବସ ଷ୍ଟାଣ୍ଡରେ ଭାଷଣ ଦେଉଥିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯାଉଥିଲା । ଏଫ.ଆଇ.ଆର ଦାଖଲ କରିବା ନେଇ କୌଣସି ନୀତି ବା ନିୟମ ନଥିଲା ଏବଂ କୌଣସି ପୋଲିସ କର୍ମଚାରୀ ମଧ୍ୟ ନୀରିହ ଲୋକମାନଙ୍କୁ କାହିଁକି ଗିରଫ କରାଯାଉଅଛି ବୋଲି ପ୍ରତିବାଦ କରୁନଥିଲେ ।

ଆଜି ୨୦୦୪ ରୁ ୨୦୧୪ ମଧ୍ୟରେ ସି.ବି.ଆଇ ସମ୍ପୂର୍ଣ୍ଣ ଭାବରେ ଉ.ପା ସରକାରର ନିୟନ୍ତ୍ରଣରେ ରହିଅଛି । ସହଜରେ ପ୍ରଭାବିତ ହେଉଥିବା ବ୍ୟକ୍ତିଙ୍କୁ ସି.ବି.ଆଇ ର ଡ଼ାଇରେକ୍ଟର ଭାବରେ ନିଯୁକ୍ତି ଦିଆଯାଉଅଛି । ଯାହାଙ୍କ ନିର୍ଦ୍ଦେଶରେ ହିଁ ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଅଛି । ଉକ୍ତ ଡ଼ାଇରେକ୍ଟଙ୍କୁ ଅବସର ପ୍ରାପ୍ତି ପରେ ପୁନଃ ସରକାରୀ ଚାକିରି ଦେବାର ପ୍ରଲୋଭନ ଦେଖାଇ ତାଙ୍କ ଦ୍ଵାରା

ଇଚ୍ଛା ମୁତାବକ କାର୍ଯ୍ୟ ମଧ୍ୟ କରାଯାଉଅଛି । ଯେପରି ଅମିତ ସାହାଙ୍କୁ ଇସ୍ରାତ ଜାହାନ କେଶରେ ଫସାଇଥିବା ଡ଼ାଇରେକ୍ଟଙ୍କୁ ଅବସର ଗ୍ରହଣ କରିବା ପୂର୍ବରୁ ଜାମିଆ ମିଲିଆ ଇସଲାମିକ ର ଭାଇସ ଚାନ୍ସଲର ଭାବରେ ନିଯୁକ୍ତି ଦିଆଯାଇଅଛି ଏବଂ ସି.ଭି.ସି ର ଭାଇସ ଚାନ୍ସଲର ଭାବରେ ନିଯୁକ୍ତି ଦିଆଯିବାର ଯୋଜନା ରହିଅଛି ।

ମୁଁ ଗତ କିଛି ଦିନ ତଳେ ଏକ ପତ୍ରରେ ଭା.ଜ.ପାର ତିନୋଟି ବରିଷ୍ଠ ନେତା ଅମିତ ସାହା, ଗୁଲାବ ଚାନ୍ଦ କାଟରିଆ ଓ ରାଜେନ୍ଦ୍ର ରାଠୋରଙ୍କୁ କିପରି ସି.ବି.ଆଇ ମିଥ୍ୟା ଆରୋପରେ ଆରୋପିତ କରିଥିଲେ ତାହା ଉଲ୍ଲେଖ କରି ପ୍ରଧାନ ମନ୍ତ୍ରୀଙ୍କୁ ଜଣାଇଥିଲି । ଯାହାଙ୍କ ବିରୋଧରେ କୌଣସି ପ୍ରମାଣ ନପାଇ ପ୍ରଥମ ସମୀକ୍ଷାରୁ ହିଁ କୋର୍ଟ ତାଙ୍କ ଜାମିନ ମଞ୍ଜୁର କରିଥିଲା । ଆଜି ସରକାରଙ୍କୁ ସମର୍ଥନ ଯୋଗାଉଥିବା ସମାଜବାଦୀ ପାର୍ଟି ଓ ବହୁଜନ ସମାଜବାଦୀ ପାର୍ଟିର ନେତାଙ୍କୁ ସି.ବି.ଆଇ ର ଭୟ ଦେଖାଇ ମୌନ ରଖି ସେମାନେ ନିଜ ସରକାର କୁ ବଜାୟ ରଖିବାକୁ ସମର୍ଥ ହୋଇଛନ୍ତି । ତେଣୁ ସି.ବି.ଆଇ ର ଡ଼ାଇରେକ୍ଟର ଇକେନୋମିକ ଟାଇମ୍ସରେ ପ୍ରକାଶ ପାଇଥିବା ମତାମତକୁ ଅସ୍ବୀକାର କରିବା ସମ୍ପୂର୍ଣ୍ଣ ଭାବରେ ଅଯଥାର୍ଥ ଅଟେ ।